

ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲିଯାଆନ୍ତି, ସେମାନେ ପୁଣି ସେଇ ଭୁଲ୍ କରିବସନ୍ତି।
-ଜର୍ଜ ଶାନ୍ତାୟନ



# କାଦୁଅ ରାସ୍ତାରେ ଡୁବିଛି ଡୁମ୍ବାଗୁଡ଼ାର ବିକାଶ

**୧୧ ଖଣ୍ଡ ଗାଁର ସମସ୍ୟା/ଦାବି**
- ମାଟି, କାଦୁଅ ହୋଇ ସ୍କୁଲ ଯାଉଛନ୍ତି ପିଲା
- ଡୁମ୍ବାଗୁଡ଼ା ପଞ୍ଚାୟତକୁ ପହଞ୍ଚିପାରୁନି ଆମ୍ବୁଲାନ୍ସ
- ପିଏମ୍‌ଜିଏସ୍‌ୱାଇରେ ପକ୍କାରାସ୍ତା ନିର୍ମାଣ ଦାବି



ସ୍କୁଲପିଲାମାନେ ମାଟି କାଦୁଅ ରାସ୍ତାରେ ଘରକୁ ଫେରୁଛନ୍ତି।

ଦଶମନ୍ତପୁର,୧।୮(ଡି.ଏନ୍.ଏ.)

ପକ୍କା ରାସ୍ତାଟିଏ ନିର୍ମାଣ ହୋଇ ନ ଥିବାରୁ ଏବେ ବି ୧୧ ଖଣ୍ଡ ଗ୍ରାମର ଲୋକେ ମାଟି କାଦୁଅ ଓ ଘାଟି ରାସ୍ତାରେ ଅସ୍ୱସ୍ତିରେ ଚଳପ୍ରଚଳ ହେଉଛନ୍ତି। ପିଲାମାନେ ମଧ୍ୟ ମାଟି, କାଦୁଅ ହୋଇ ସ୍କୁଲକୁ ଯାଉଥିବାବେଳେ ରୋଗୀ ଓ ଗର୍ଭବତୀଙ୍କୁ ଆମ୍ବୁଲାନ୍ସରେ ମେଡିକାଲକୁ ନେବା ପାଇଁ ୫ କିମି ଦୂର କାନ୍ଧରେ ବୋହି ନେବାକୁ ପଡୁଛି। ଏ ହେଉଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଡୁମ୍ବାଗୁଡା ପଞ୍ଚାୟତର ବିକାଶର ଚିତ୍ର।

ସୂଚନା ଅନୁଯାୟୀ, କାଳିଆମ୍ବଠାରୁ ଡୁମ୍ବାଗୁଡ଼ା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ପକ୍କାରାସ୍ତାଟିଏ ନିର୍ମାଣ ପାଇଁ ୨୦୧୧ ମସିହାରୁ ଦାବି ହୋଇ ଆସୁଥିଲେ ମଧ୍ୟ ଏଯାଏ ତାହା ସମ୍ଭବ ହୋଇନି। ଫଳରେ ମାଟି କାଦୁଅ ରାସ୍ତାରେ ଲୋକେ ଅସ୍ୱସ୍ତିରେ ଚଳପ୍ରଚଳ ହେଉଛନ୍ତି। ନିକଟସ୍ଥ ଡୁମ୍ବାଗୁଡ଼ା, କାଳିଆମ୍ବ, ହାତୀମୁଣ୍ଡା, କସକଟା ଆଦି ଗ୍ରାମର ପିଲାମାନେ ଶିକ୍ଷା ପାଇଁ ଡୁମ୍ବାଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଉପରେ ନିର୍ଭର କରନ୍ତି। ହେଲେ ପ୍ରାୟ ୫କିମି ଦୂରତାର ଏହି କଦର୍ଯ୍ୟ ରାସ୍ତାରେ ଛାତ୍ରୀଛାତ୍ରଙ୍କ ଯାତାୟାତ କଷ୍ଟକର ହୋଇପଡୁଏଭଳି ରାସ୍ତା କାରଣରୁ ପିଲାମାନେ ଆଦୌ ବିଦ୍ୟାଳୟକୁ ଯାଉ ନ ଥିବା ମଧ୍ୟ ଜଣାପଡ଼ିଛି। ଆମେ ପାଳି କରି ବିଦ୍ୟାଳୟକୁ ଯାଉଛୁ ଏବଂ ଯାହା ପଢା ହୁଏ ସେହି ଖାତାକୁ ପରସ୍ପର ମଧ୍ୟରେ ଦିଆନିଆ କରି ପାଠ ପଢୁଛୁ ବୋଲି ପିଲାମାନେ କହିଛନ୍ତି। ଏହି ରାସ୍ତା ଦେଇ ଗିର୍ଲିଗୁମ୍ମା ପଞ୍ଚାୟତ ଏବଂ ରାୟଗଡ଼ା ଜିଲାର ବହୁ ଡେଙ୍ଗାଗୁଡ଼ା, ଭଣ୍ଡିସିଲ, ଫୁଣ୍ଡାଗୁଡ଼ା, ଗୁଗାନ୍, ଡକ୍ରିବେଡ଼ା, କିରାମ୍ଭ, ଡୁରେଇଘାଟି ଏବଂ ସିସ୍‌ପାଶ୍ ଭଳି ବହୁ ଗ୍ରାମବାସୀ ହାଟ ଓ ମେଡିକାଲକୁ ଯାଇଥାନ୍ତି। ଏହି ରାସ୍ତା ଦେଇ ୧୦୨ ଓ ୧୦୮ ଆମ୍ବୁଲାନ୍ସ ଯାଇପାରୁ ନ ଥିବାରୁ ଗ୍ରାମବାସୀ ରୋଗୀ ଓ ଗର୍ଭବତୀଙ୍କୁ ବୋହି ଡୁମ୍ବାଗୁଡ଼ା ପର୍ଯ୍ୟନ୍ତ ଆଣିବାକୁ ପଡ଼ିଥାଏ ବୋଲି ବନମାଳୀ ବିଶୋୟୀ, ଗୋବର୍ଦ୍ଧନ, ଜଗା, ଉମେଶ ମାଣ୍ଡିଙ୍ଗ, ଡଗର ବିଶୋୟୀ, ନିରଞ୍ଜନ ବିଶୋୟୀ ପ୍ରକାଶ କରିଛନ୍ତି। ୨୦୧୧ରୁ ଏ ପର୍ଯ୍ୟନ୍ତ ଅନେକ ଥର ଜିଲାପାଳ, ଜନ ପ୍ରତିନିଧି ଓ ବିଡିଓଙ୍କ ନିକଟରେ ଅଭିଯୋଗ ଜଣାଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ସେମାନେ କହିଛନ୍ତି। ଡୁମ୍ବାଗୁଡ଼ା-କାଳିଆମ୍ବ ଏବଂ କାଳିଆମ୍ବ-ଡକ୍ରୀବେଡ଼ା ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ସାମିଲ୍ କରିବା ପାଇଁ ପଞ୍ଚାୟତ ୧୧ ଖଣ୍ଡ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଡ଼ମ୍ବରୁଧର ମଲ୍ଲିକଙ୍କୁ ପଚାରିବାରୁ, ମୁଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବି ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

- ପଟ୍ଟାଙ୍ଗି, କୁନ୍ଦୁଲି ଲ୍ୟାମ୍ପ୍ସରେ ସାର କଳାବଜାରି ଅଭିଯୋଗ

# ପୂର୍ବତନ ଏମ୍‌ପିଙ୍କ ନାଁରେ ଦସ୍ତଖତ ଥାଇ ଜିଲାପାଳଙ୍କୁ ପତ୍ର

ପଟ୍ଟାଙ୍ଗି,୧।୮(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର ଲ୍ୟାମ୍ପ୍ସ ତଥା ବୃହତାକାର ବହୁମୁଖୀ ସମବାୟ ସମିତି କାର୍ଯ୍ୟାଳୟରୁ ଦୁର୍ନୀତି ପିଛା ଛାଡୁ ନ ଥିବାବେଳେ ବର୍ତ୍ତମାନ ଆଉ ଗୋଟିଏ ଦୁର୍ନୀତି ପଦାକୁ ଆସିଛି। ତେବେ ଏହାକୁ ଭିନ୍ନ ମୋଡ଼ ଦେଇଛି ଅନ୍ୟ ଏକ ପ୍ରସଙ୍ଗ। ଜଣେ ପୂର୍ବତନ ଏମ୍‌ପିଙ୍କ ନାଁରେ ଦସ୍ତଖତ ଥାଇ ଉପରୋକ୍ତ ଦୁର୍ନୀତି ସମ୍ପର୍କରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗପତ୍ର ଦିଆଯାଇଛି। ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗିଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ସେ କୌଣସି ଲିଖିତ ପତ୍ର ଜିଲାପାଳ କିମ୍ବା ରାଜ୍ୟର କୌଣସି ଅଧିକାରୀଙ୍କୁ ଦେଇନାହାନ୍ତି। ଏହା ତାଙ୍କର ଜାଲ ଦସ୍ତଖତ କରାଯାଇ ଅଭିଯୋଗପତ୍ର ଦିଆଯାଇଛି। ଏହି ପତ୍ର ବାବଦରେ ତଦନ୍ତ କରାଯିବା ଆବଶ୍ୟକ ରହିଛି।

ସୂଚନା ଅନୁଯାୟୀ, ସେମିଳିଗୁଡ଼ା କେସିସି ବ୍ୟାଙ୍କ ଅଧୀନସ୍ଥ ପଟ୍ଟାଙ୍ଗି ଓ କୁନ୍ଦୁଲି ଲ୍ୟାମ୍ପ୍ସରେ ସାର ଦୁର୍ନୀତି ଅଭିଯୋଗ ଉଠିଥିଲା। ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗିଙ୍କ ନାଁରେ ଦସ୍ତଖତ ଥାଇ ଘଟଣାର ତଦନ୍ତ ଦାବିରେ ଗତ ୧୮ ମେରେ ଏକ ପତ୍ର ଜିଲାପାଳଙ୍କୁ ଦିଆଯାଇଛି। ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଛି ଯେ ଚାଷୀମାନେ ସାର ପାଉ ନ ଥିବାବେଳେ ପଟ୍ଟାଙ୍ଗି ଲ୍ୟାମ୍ପ୍ସରେ ପ୍ରାୟ ୩୦ ଲକ୍ଷ ଓ କୁନ୍ଦୁଲି ଲ୍ୟାମ୍ପ୍ସରେ ୭ ଲକ୍ଷ ଟଙ୍କାର ସାର ତୋଷାରପାତ ହୋଇଛି। ବ୍ୟାଙ୍କ କର୍ତ୍ତୃପକ୍ଷ କିମ୍ବା ସମବାୟ ବିଭାଗ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି। ପଟ୍ଟାଙ୍ଗି ଲ୍ୟାମ୍ପ୍ସର ପରିଚାଳନା ନିର୍ଦ୍ଦେଶକ, ସେମିଳିଗୁଡ଼ା କେସିସି ବ୍ୟାଙ୍କର ମ୍ୟାନେଜର ଓ ସମ୍ପାଦକ

**ଜାଲ ଦସ୍ତଖତ ହୋଇଛି: ଜୟରାମ ପାଙ୍ଗି**

ମିଳିତ ଭାବେ ଉକ୍ତ ସାର ଟଙ୍କା ତୋଷାରପାତ କରିଥିବା ସେଥିରେ ଅଭିଯୋଗ ରହିଛି। କେସିସି ବ୍ୟାଙ୍କର ଶାଖା ପରିଚାଳକ ଦୀର୍ଘ ୪ ବର୍ଷ ହେଲା ସେମିଳିଗୁଡ଼ାରେ କାର୍ଯ୍ୟ କରିଆସୁଥିବା ବେଳେ ସେ ନିଜେ ଲ୍ୟାମ୍ପ୍ସଗୁଡ଼ିକୁ ତଦାରଖ କରନ୍ତି। ଏହାସତ୍ତ୍ୱେ କିପରି ଏଭଳି ଦୁର୍ନୀତି ହେଲା, ତାହା ବଡ଼ ପ୍ରଶ୍ନବାଚୀ। ସେ ପ୍ରତି ମାସରେ ବ୍ୟାଙ୍କର ଇନ୍‌ସପେକ୍ସନ ରିପୋର୍ଟରେ ସମସ୍ତ ସାର ଠିକ୍‌ଠାକ୍ ଦର୍ଶାଇଥିବା ବିଷୟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରୁ ଜଣାପଡ଼ିଛି। କେସିସି ବ୍ୟାଙ୍କର ସମ୍ପାଦକ ଅର୍ଥ ତୋଷାରପାତ ମାମଲାକୁ ଜାଣିଶୁଣି ଚପାଇଦେବା ପାଇଁ ଅପଚେଷ୍ଟା ଚଳାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏହି ପତ୍ରର ନକଲ ଜୟପୁର ସମବାୟ ସମିତି ଉପନିବନ୍ଧକ, ନିବନ୍ଧକ, ସମବାୟ ବିଭାଗ କମିଶନର ତଥା ସଚିବ, ମୁଖ୍ୟ ଶାସନ ସଚିବଙ୍କ ଅବଗତି ପାଇଁ ମଧ୍ୟ ପଠାଯାଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ପଟ୍ଟାଙ୍ଗି ଲ୍ୟାମ୍ପ୍ସରେ ସାର କାରବାର ଦୁର୍ନୀତିକୁ ଦୃଷ୍ଟିରେ ରଖି ବର୍ତ୍ତମାନର ଏମ୍‌ଡି ରାମଚନ୍ଦ୍ର ଖେମୁଣ୍ଡୁଙ୍କ ଲିଖିତ ଅଭିଯୋଗ କ୍ରମେ ସ୍ଥାନୀୟ ପୋଲିସ ପୂର୍ବତନ ଏମ୍‌ଡି ବସନ୍ତ କୁମାର ଦାସଙ୍କ ବିରୋଧରେ କେସ୍ ନଂ ୬୧/୧୯ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ କେସିସି ବ୍ୟାଙ୍କ କାର୍ଯ୍ୟାଳୟର ଚିଠି ନଂ ୧୮୫୮/୧୯, ୨୨/୦୭/୧୯ରେ ବସନ୍ତ କୁମାର ଦାସଙ୍କୁ କାର୍ଯ୍ୟରୁ ନିଲମ୍ବିତ କରି ଜୟପୁର ସଦର ବ୍ରାଞ୍ଚ କେସିସି ବ୍ୟାଙ୍କରେ ନିୟମିତ ହାଜର ହେବାକୁ ନିର୍ଦ୍ଦେଶ ରହିଛି।

- ଗାଁକୁ ଆସିଲାନି ଆମ୍ବୁଲାନ୍ସ

# ପୁଣି ଭାରରେ ବୁହାହେଲେ ରୋଗୀ



ପରିବାର ଲୋକେ ଓ ଗ୍ରାମବାସୀ ଦୁଃଶାସନଙ୍କୁ ଭାରରେ ବୋହି ନେଉଛନ୍ତି।

ଦଶମନ୍ତପୁର, ୧।୮(ଡି.ଏନ୍.ଏ.)

ଗାଁକୁ ଭଲ ରାସ୍ତା ନ ଥିବାରୁ ବିଭିନ୍ନ ସମୟରେ ଗର୍ଭବତୀ ଓ ରୋଗୀଙ୍କୁ ଭାରରେ ବୋହି ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଆଣିବାକୁ ପଡିଥାଏ। ଗୁରୁବାର ପୁଣି ଏହି ଘଟଣାର ପୁନରାବୃତ୍ତି ଘଟିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଡମ୍ବାଗୁଡ଼ା ପଞ୍ଚାୟତ କାଳିଆମ୍ବ ଗାଁରେ। ଗ୍ରାମବାସୀ ଜଣେ ଡାଇରିଆ ରୋଗୀଙ୍କୁ ଦୀର୍ଘ ୫କିମି ଭାରରେ ବୋହି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି। ସେଠାରେ ରୋଗୀ ଜଣଙ୍କ ଏବେ ଚିକିତ୍ସାଧୀନ ଅଛନ୍ତି।

ପ୍ରକାଶ ଯେ, ଡମ୍ବାଗୁଡ଼ା ଗାଁର ଦୁଃଶାସନ ବିଶୋଇ ଦୀର୍ଘ ୭ଦିନ ହେବ ଡାଇରିଆରେ ପୀଡିତ ଥିଲେ। ବର୍ଷା ହେଉ ଥିବାରୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଇ ନ ପାରି ଆଶା କର୍ମୀଙ୍କ ଠାରୁ ଔଷଧ ଆଣି ଦେଉଥିଲେ। କିନ୍ତୁ ଗୁରୁବାର ତାଙ୍କ ସ୍ୱାସ୍ଥାବସ୍ଥା ବିଗିଡ଼ିବାରୁ ପରିବାର ଓ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଗାଁ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ଥିବାରୁ ଆମ୍ବୁଲାନ୍ସଟି ଗାଁଠାରୁ ୫କିମି ଦୂର ଡୁମ୍ବାଗୁଡ଼ା ଛକ ନିକଟରେ ଅଟକି ଥିଲା। ପରିବାର ଓ ଗ୍ରାମବାସୀ ବାଧ୍ୟ ହୋଇ ଏକ ଭାରରେ ବୋହି ଦୁଃଶାସନକୁ ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ପରେ ସେଠାରୁ ତାଙ୍କୁ ଦଶମନ୍ତପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବର୍ଷା ଦିନରେ ଡାଇରିଆ ଓ ଝାଡାବାନ୍ତି ଭଳି ରୋଗ ବ୍ୟାପିବାର ସମ୍ଭାବନା ଯଥେଷ୍ଟ ବେଶୀ। ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ ଗାଁକୁ ନ ଗଲେ ଏହା ବୋଝ ଉପରେ ନଳିତା ବିଡ଼ା ଭଳି ହେବ ବୋଲି ଗ୍ରାମବାସୀ କହିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଧରପଗଡ଼ ସତ୍ତ୍ୱେ କମୁନି ଗଞ୍ଜେଇ କାରବାର

କଳ୍ପତରୁ ମହାନ୍ତି
ବୈପାରୀଗୁଡ଼ା,୧।୮

**ସନ୍ଦେହଘେରରେ ନିର୍ଦ୍ଦିଷ୍ଟ ପୋଲିସ କର୍ମଚାରୀଙ୍କ ଭୂମିକା**

ପ୍ରାକୃତିକ ସୌନ୍ଦର୍ଯ୍ୟ, ମନୋରମ ପର୍ଯ୍ୟଟନ ସ୍ଥଳ ଓ ଆଦିବାସୀ ଭାଷା, ସଂସ୍କୃତି ପାଇଁ ଏକଦା ପରିଚିତ ଥିବା ଅବିଭକ୍ତ କୋରାପୁଟ ଏବେ ଗଞ୍ଜେଇ ଚାଷ ଓ ଚାଲାଣ ପାଇଁ କୁଖ୍ୟାତି ଅର୍ଜିଲାଣି। ଏଠାକୁ ବାହାର ରାଜ୍ୟର ପର୍ଯ୍ୟଟକଙ୍କ ଆଗମନ ବଢ଼ିବା ବଦଳରେ ଗଞ୍ଜେଇ ମାଫିଆଙ୍କ ଆଡ୍ଡା ଜମୁଛି। ସେମାନେ କୋଟି କୋଟି ଟଙ୍କାର କାରବାର କରୁଛନ୍ତି, ସେମାନଙ୍କ ହାତରେ ଅସ୍ତ୍ରଶସ୍ତ୍ର ବି ଅଛି। ଏଥିପାଇଁ ଶାନ୍ତିପ୍ରିୟ କୋରାପୁଟର ସାମାଜିକ ଓ ଅର୍ଥନୀତିକ ସମୃଦ୍ଧି ଏବେ ଧୂଳିସାତ୍ ହେବାରେ ଲାଗିଛି। କିଛି ମାସ ହେବ ବିଭିନ୍ନ ସମୟରେ ଗଞ୍ଜେଇ ଧରପଗଡ଼ ଖବର ଖବରକାଗଜ ପୃଷ୍ଠା ମଣ୍ଡନ କରୁଛି। ପୋଲିସ ଏସବୁର ଶସ୍ତା ବାହାଦୁରି ନେଉଛି; କିନ୍ତୁ ବାସ୍ତବରେ ଏଭଳି ସ୍ଥିତି ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପୋଲିସର ଭୂମିକା ସନ୍ଦେହଘେରରେ ରହୁଛି।

ପୂର୍ବରୁ ମାଲକାନଗିରି ଜିଲା ବିଚ୍ଛିନାଞ୍ଚଳରେ କେତେକ ଆଦିବାସୀ ଲୁଚାଛପାରେ ପାହାଡ଼ିଆ ଜମିରେ ଗଞ୍ଜେଇ ଚାଷ କରୁଥିଲେ। ଅନ୍ୟ କେତେକ ଆଦିବାସୀ ଏହାର ସେବନ କରୁଥିଲେ। ମାଲକାନଗିରି ଜିଲାରେ ରହୁଥିବା କେତେକ ବଙ୍ଗୀୟ ଶରଣାର୍ଥୀ ତଥା ଉପକୂଳ ଅଞ୍ଚଳର ଛୋଟ ବ୍ୟବସାୟୀ ବସ୍‌ରେ ଗଞ୍ଜେଇ ଚାଲାଣ କରୁଥିଲେ ଓ ଅନେକ ସମୟରେ ଧରା ବି ପଡୁଥିଲେ। ଅବିଭକ୍ତ କୋରାପୁଟରେ ମାଓବାଦୀଙ୍କ ପ୍ରଭାବ ବୃଦ୍ଧି ପାଇବା ପରେ ଗଞ୍ଜେଇ କାରାବର ଅହେତୁକ ଭାବେ ବୃଦ୍ଧି ପାଇଛି। ଏହି ଚାଲାଣରେ କେତେକ ଅସାଧୁ ପୋଲିସ କର୍ମଚାରୀଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସଂପୃକ୍ତି ରହିଛି। ପୂର୍ବରୁ କୋରାପୁଟ ଜିଲା ଲକ୍ଷ୍ମୀପୁର ଥାନାର ଜଣେ ଅଧିକାରୀଙ୍କ ଭୂମିକା ସନ୍ଦେହ ଘେରକୁ ଆସିବା ପରେ ତତ୍କାଳୀନ ଏସ୍‌ପି ତାଙ୍କୁ ନିଲମ୍ବିତ କରିଥିଲେ। ବୋରିଗୁମ୍ମାରେ ଗଞ୍ଜେଇ ଚାଲାଣରେ ସଂପୃକ୍ତ ଥିବା ଜଣେ ଆଇଆରବି ବାଟାଲିୟନ କର୍ମଚାରୀ ଧରାପଡ଼ି ନିଲମ୍ବିତ ହୋଇଥିଲେ। ଏଥିରେ ଅନେକ ହୋମଗାର୍ଡଙ୍କ ସମ୍ପର୍କୀୟ ମଧ୍ୟ ଧରାପଡୁଛନ୍ତି। ନିୟମ ଅନୁସାରେ ଯେଉଁ ଜାଗାରେ ଗଞ୍ଜେଇ ଧରାପଡ଼େ, ସେଠାରେ ହିଁ ଜଣେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇ ଜଉମୁଦ କରାଯାଏ। କିନ୍ତୁ ଅନେକ ସମୟରେ ମାଜିଷ୍ଟ୍ରେଟ୍ କେବଳ ଔପଚାରିକ ଭୂମିକା ତୁଲାଉଛନ୍ତି। ଅନେକ ସମୟରେ ଗଞ୍ଜେଇ ଧରପଗଡ଼ ହେଲେ ପୋଲିସ ଗଣମାଧ୍ୟମକୁ ତୁରନ୍ତ ତଥ୍ୟ ଦେବା ବଦଳରେ ତଦନ୍ତ ଆଳରେ ଅଭିଯୁକ୍ତଙ୍କୁ ୨/୩ ଦିନ ହାଜତରେ ରଖୁଛି। ଗୁପ୍ତ ବୁଝାମଣା ହୋଇ ନ ପାରିଲେ ତାରିଖ ବଦଳେଇ ମାମଲା ରୁଜୁ କରାଯାଉଛି। ଯେତିକି ଗଞ୍ଜେଇ ଜବତ ହେଉଛି, ତାହାଠାରୁ କମ୍ ଉପସ୍ଥାପନ କରାଯାଉଛି। ଅଭିଯୁକ୍ତଙ୍କ ସଂଖ୍ୟାରେ ମଧ୍ୟ ଫରକ ରହୁଛି। ବହୁ ସମୟରେ ମାମଲା ଥାନାକୁ ଅଣା ନଯାଇ ବାହାରେ ରଫାଦଫା କରାଯାଉଛି। ଗଞ୍ଜେଇ ଚାଲାଣକାରୀଙ୍କୁ ଡକାୟତ ଦର୍ଶାଇ ଜେଲ୍ ପଠାଯାଉଛି ଓ ସେମାନଙ୍କର ମୁକୁଳିବା ବାଟ ସହଜ ହେଉଛି। କୋରାପୁଟ ଜିଲାର ବୈପାରୀଗୁଡ଼ା ଓ ଲମତାପୁଟ ଥାନା ଇଲାକା ଦେଇ ମାଲକାନଗିରି ଜିଲାରୁ ପ୍ରାୟ ୯୦ ପ୍ରତିଶତ ଗଞ୍ଜେଇ ବାହାରକୁ ଚାଲାଣ ହେଉଛି। କେବଳ ୧୦ ପ୍ରତିଶତ ଗଞ୍ଜେଇ ଧରାପଡୁଛି। ଏବେ ଏହା ଲମତାପୁଟ ଓ ବୈପାରୀଗୁଡ଼ା ଇଲାକାରେ ମଧ୍ୟ ଚାଷ ହେଲାଣି। କିଛି ମାସ ତଳେ ବୈପାରୀଗୁଡ଼ା ଥାନାର ବାଙ୍ଗୁଲି ଅଞ୍ଚଳରେ ବ୍ୟାପକ ପରିମାଣର ଗଞ୍ଜେଇ ଚାଷକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ନଷ୍ଟ କରିଥିଲା ପୋଲିସ।

ଉଦ୍‌ବେଗର ବିଷୟ ହେଲା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମଜୁରି ଲାଗୁଥିବା ଶ୍ରମିକ ସ୍ୱଳ୍ପ ମଜୁରି ପାଇବା ପାଇଁ ମାସ ମାସ ଅପେକ୍ଷା କରୁଛନ୍ତି। ତାହାର ସୁଯୋଗ ନେଇ ମାଫିଆମାନେ ସେମାନଙ୍କୁ ଦୈନିକ ୨ରୁ ୩ ହଜାର ଟଙ୍କା ଦେଇ ତାଙ୍କରି କାନ୍ଧରେ ଗଞ୍ଜେଇ କାଉଡ଼ି ବୁହାଇ ମାଇଲ ମାଇଲ ବାଟ ସୁରକ୍ଷିତ ଭାବେ ଚାଲାଣ କରିନେଉଛନ୍ତି। ସେହିପରି ସ୍ଥାନୀୟ ଅଞ୍ଚଳର ବହୁ ଛାତ୍ର, ଯୁବକ ଗଞ୍ଜେଇ ନିଶାରେ ପଡୁଛନ୍ତି। ସିଗାରେଟ୍‌ରୁ ତମାଖୁ ବାହାର କରି ସେଥିରେ ଗଞ୍ଜେଇ ଭର୍ତ୍ତି କରାଯାଇ ଚଢ଼ାଦରରେ ପାଦ ଦୋକାନରେ ବିକ୍ରି ହେଉଛି। ପୋଲିସ ପାଖରେ ଖବର ଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନାହିଁ। କେବଳ ଚାଲାଣକାରୀ ଧରାପଡୁଥିବା ବେଳେ ଗଞ୍ଜେଇ ଚାଷୀ, ସ୍ଥାନୀୟ ବେପାରୀ ଓ ଗୋଦାମ ମାଲିକଙ୍କ ବିରୋଧରେ ଅତି ନଗଣ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ମାଓବାଦୀ ଇଲାକାରେ ସୁରକ୍ଷାକର୍ମୀଙ୍କ ମୁତୟନ ସତ୍ତ୍ୱେ ଗଞ୍ଜେଇ ଚାଷକୁ ସମୂଳେ ଶେଷ କରାଯାଇପାରୁ ନାହିଁ।

# ଭଙ୍ଗାଘରେ ଛାତ୍ରାବାସ, ତଳେ ଶୋଉଛନ୍ତି ପିଲା

କୋରାପୁଟ,୧।୮(ସ୍ୱ.ପ୍ର.)





ଭଙ୍ଗାଘରେ ଚାଲିଛି ବିଦ୍ୟାଳୟର ଛାତ୍ରାବାସ। ଖଟ ନଥିବାରୁ ପିଲା ତଳେ ଶୋଉଛନ୍ତି। ସେଇମାନେ ସଫେଇ ଓ ରୋଷେଇ ମଧ୍ୟ କରୁଛନ୍ତି। କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ କୁସୁମୁଗୁଡ଼ା ଉନ୍ନୀତ ପ୍ରାଥମିକ ବିଦ୍ୟାଳୟର ଏ ହେଉଛି ଶୈକ୍ଷିକ ଚିତ୍ର। ସରକାର ଯେଉଁ ଗୁଣାତ୍ମକ ଶିକ୍ଷାର ସ୍ଲୋଗାନ ପ୍ରଚାର କରୁଛନ୍ତି, ସେ ଦିଗରେ ଏଭଳି ଚିତ୍ର ଏକ ଉପହାସ।

୧୯୮୬ରେ ସ୍ଥାପିତ ଏହି ପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ପ୍ରାୟ ୨ଶହ ଛାତ୍ର ପାଠ ପଢୁଛନ୍ତି। ଏଠାରେ ୪୦ ଶଯ୍ୟାବିଶିଷ୍ଟ ପ୍ରାଥମିକ ଛାତ୍ରାବାସ ସହ ୧୨୦ ଶଯ୍ୟା ବିଶିଷ୍ଟ ଅନ୍ୟ ଏକ ଛାତ୍ରାବାସ ରହିଛି। ଅନ୍ୟ ପିଲା ଡେ ସ୍କଲାର ଭାବେ ଆସୁଛନ୍ତି। ପାଠପଢ଼ା ପାଇଁ ୭ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଥିବାବେଳେ ଅଧିକାଂଶ ସମୟରେ କେବଳ ୩ରୁ ୪ ଜଣ ଶିକ୍ଷକ ବିଦ୍ୟାଳୟକୁ ଆସୁଛନ୍ତି। ଅନ୍ୟ ଶିକ୍ଷକ ମାସକୁ ୨ରୁ ୪ ଥର ଆସୁଥିବା ବହୁ ଛାତ୍ର କହିଛନ୍ତି। ୪୦ ଶଯ୍ୟାବିଶିଷ୍ଟ ଛାତ୍ରାବାସର ଆଜବେଷ୍ଟସ ଭାଙ୍ଗିଯାଇ ବର୍ଷାପାଣି ଗଳୁଛି। ଏବେ ବର୍ଷା ଲାଗିରହିଥିବାରୁ ଘଣ୍ଟାକୁ ଘଣ୍ଟା ଶ୍ରେଣୀଗୃହରୁ ପାଣି ସଫା କରୁଛନ୍ତି ପିଲା। ଆବଶ୍ୟକ ସଂଖ୍ୟକ ଖଟ ନ ଥିବାରୁ ପିଲା ତଳେ ଶୋଉଛନ୍ତି। ମ୍ୟାଲେରିଆ ପ୍ରବଣ ଏଭଳି ଅଞ୍ଚଳରେ ଏଯାବତ୍ ମଶାରି ଦିଆଯାଇ ନାହିଁ। ପିଅନ ନ ଥିବାରୁ ପିଲାମାନେ ଛାତ୍ରାବାସ ଘର ଓଳେଇବା, ଘରପୋଛା, ସଫେଇ, ରୋଷେଇ, କାଠ, ପାଣି ଆଣିବା, ହାଣ୍ଡି ମାଜିବା କାମ କରୁଛନ୍ତି। ଛାତ୍ରାବାସ ପାଇଁ ଥିବା ନୂତନ ରୋଷେଇ ଘର ଦୀର୍ଘ ଦିନରୁ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ହସ୍ତାନ୍ତର କରାଯାଉ ନଥିବାରୁ ମାଟିଘରେ ରୋଷେଇ ଚାଲିଛି। ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ଥିବା ଛାତ୍ରାବାସ ମଧ୍ୟ ବିପଦସଙ୍କୁଳ ଭାବେ ଥିବାରୁ କେତେକ ଛାତ୍ର ଦିନରେ ବିଦ୍ୟାଳୟରେ ପାଠପଢ଼ା ସହ ରାତିରେ ସେହିଠାରେ ହିଁ ଶୋଉଛନ୍ତି। ଏନ୍‌ଏଚ୍ କଡ଼ରେ ଥିବା ଏହି ବିଦ୍ୟାଳୟର ପାଚେରି ନାହିଁ। ବିଦ୍ୟାଳୟ ସେପାଖରୁ ଛାତ୍ରାବାସକୁ ଆସିବା ବେଳେ ଅନେକ ସମୟରେ ଅଘଟଣ ଆଶଙ୍କା ରହୁଥିବା କୁସୁମୁଗୁଡ଼ା ଗ୍ରାମବାସୀ ଓ ଅଭିଭାବକମାନେ କହିଛନ୍ତି। ପ୍ରଧାନ ଶିକ୍ଷକ କାହ୍ନୁଚରଣ ସାହୁଙ୍କୁ ପଚାରିବାରୁ ଏନେଇ ସେ ବିଭିନ୍ନ ସମୟରେ ଜିଲା ପ୍ରଶାସନ ଦୃଷ୍ଟିକୁ ନେଇଥିବା ସତ୍ତ୍ୱେ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ତେଣୁ ସେ କ'ଣ କରିବେ ବୋଲି ଓଲଟା ପ୍ରଶ୍ନ କରିଛନ୍ତି। ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ ପଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, ଲକ୍ଷ୍ମୀପୁର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସେହି ବିଦ୍ୟାଳୟକୁ ଅନୁଧ୍ୟାନ ପାଇଁ ପଠାଯିବ। ତାଙ୍କ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ହେବ।

**ଅବ୍ୟବସ୍ଥା ଭିତରେ କୁସୁମୁଗୁଡ଼ା ବିଦ୍ୟାଳୟ**
- ଛାତ୍ରମାନେ କରୁଛନ୍ତି ସଫେଇ, ରୋଷେଇ
- ଶିକ୍ଷକ ନିୟମିତ ସ୍କୁଲ ଆସୁନଥିବା ଅଭିଯୋଗ
- ବିପଦସଙ୍କୁଳ ସ୍ଥିତିରେ ଛାତ୍ରାବାସ ଗୃହ

- ଦୁର୍ଗମ ଇଲାକାରେ ଆନ୍ଥ୍ରାକ୍ସ ଭୟ

# ୪ ବର୍ଷରେ ଆକ୍ରାନ୍ତ ହୋଇଛନ୍ତି ୧୯୯

ଜୟପୁର,୧।୮ (ପବନ ପାଣିଗ୍ରାହୀ)

ବର୍ଷାଦିନ ପରେ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାର ଦୁର୍ଗମ ଇଲାକାରେ ଆନ୍ଥ୍ରାକ୍ସ ରୋଗ ବ୍ୟାପିଥାଏ। ଦୁଇଦିନ ତଳେ ବୈପାରୀଗୁଡ଼ା ବ୍ଲକ ମାଠପଡ଼ା ପଞ୍ଚାୟତର ରୂପୁଗୁଡ଼ା ଗାଁରେ ଏହି ରୋଗ ବ୍ୟାପିବା ସହ ପ୍ରାୟ ୨୦ ଜଣ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ମୃତ ବଳଦର ମାଂସ ଖାଇ ଏପରି ହୋଇଥିବା ଅନୁମାନ କରାଯାଇଥିଲା। ଅଭାବ ଭିତରେ ଭୋକର ଜ୍ୱାଳା ଶାନ୍ତ କରିବା ପାଇଁ ଗେଣ୍ଡା, ମଲା ଗୋରୁ ମାଂସ, ବିଷାକ୍ତ ଛତୁ ଖାଉଛନ୍ତି। ଫଳରେ ଆନ୍ଥ୍ରାକ୍ସ ଭଳି ରୋଗ ଏହି ଅଞ୍ଚଳର ପିଛା ଛାଡୁନାହିଁ। ଗତ ୪ ବର୍ଷରେ ୧୯୯ ଜଣ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। କିଛି ରୋଗ ହେଲେ ଆଦିବାସୀ ଦିଶାରି ଝଡ଼ାଫୁଙ୍କାକୁ ଅଧିକ ଭରସା କରନ୍ତି। ଆନ୍ଥ୍ରାକ୍ସ ହେଲା ପରେ ମଧ୍ୟ ସେମାନେ ଡାକ୍ତରଖାନା ନଆସି ଅଧିକ ଗୁରୁତର ହୁଅନ୍ତି ଓ ପ୍ରାଣ ହରାନ୍ତି। କୋରାପୁଟ ଜିଲାରେ ୨୦୧୬ରେ ୬୭ ଜଣ ଏଥିରେ ଆକ୍ରାନ୍ତ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୧୭ରେ ୭୫ ଜଣ ଆକ୍ରାନ୍ତ ହୋଇଥିବା ବେଳେ ଜଣେ ଆଖି ବୁଜିଥିଲେ। ୨୦୧୮ରେ ୨୪ ଓ ୨୦୧୯ରେ ୩୩ ଜଣ ଏଥିରେ ଆକ୍ରାନ୍ତ ହୋଇଥିବା ଜିଲା ଚିକିତ୍ସାଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ଏହି ରୋଗ ଜିଲାର ପଟ୍ଟାଙ୍ଗି, କୁନ୍ଦୁଲି, ବୈପାରିଗୁଡ଼ା, ନନ୍ଦପୁର, କୁନ୍ଦୁରା, ଲମତାପୁଟ, ଦଶମନ୍ତପୁର ଅଞ୍ଚଳରେ ଅଧିକ ଦେଖାଯାଏ। ଉପାନ୍ତ ଅଞ୍ଚଳରେ ଏହିପରି ଘଟଣା ଘଟୁଥିଲେ ବି ଜିଲା ପ୍ରଶାସନ ନିକଟକୁ ଏହି ଖବର ଆସିପାରୁନାହିଁ। ୨୦୧୬ରେ ୫ଟି ଗାଁରେ ଏହି ରୋଗ ବ୍ୟାପିଥିବା ବେଳେ ୨୦୧୭ରେ ୨୨ଟି ଗାଁ, ୨୦୧୮ରେ ୭୬ଟି ଗାଁରେ ଏହି ରୋଗ ଚିହ୍ନଟ କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ଅନୁସାରେ ଏହି ରୋଗର ଜୀବାଣୁ ମାଟିରେ ଥାଏ। ଗାଈଗୋରୁ କିମ୍ବା ଅନ୍ୟ ପଶୁ ଖାଦ୍ୟରେ ଏହି ଜୀବାଣୁ ଯିବା ପରେ ସେମାନଙ୍କୁ ଆନ୍ଥ୍ରାକ୍ସ ରୋଗ ହୋଇଥାଏ। ସେହି ଗୋରୁ ମଲାପରେ ତାର ମାଂସ ଖାଇବା ଦ୍ୱାରା ଉପାନ୍ତ ଅଞ୍ଚଳର ଲୋକେ ମଧ୍ୟ ଏହି ରୋଗରେ ପଡ଼ିଥାନ୍ତି। ଏ ସମ୍ପର୍କରେ ଏଡିଏମ୍‌ଓ ଅରୁଣ ପାଢ଼ୀଙ୍କୁ ପଚାରିବାରୁ ସେ କହିଥିଲେ, ସଚେତନତା ଅଭାବରୁ ସବୁ ବର୍ଷ ଏହି ରୋଗ ହୁଏ। ବୈପାରିଗୁଡ଼ା ଅଞ୍ଚଳରେ ବର୍ତ୍ତମାନ ଏହି ରୋଗ ବ୍ୟାପିଛି। ସେଠାରେ ଡାକ୍ତରୀ ଟିମ୍ ପହଞ୍ଚି ଚିକିତ୍ସା ଚଳାଇଛନ୍ତି।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶୁକ୍ରବାର, ଅଗଷ୍ଟ ୨/୨୦୧୯ Rayagada, Friday, August 2 / 2019


## ସଂକ୍ଷେପରେ

### ବୋଲେରୋ, ଗଞ୍ଜେଇ ଜବତ; ୩ ଗିରଫ

ଜୟପୁର,୧।୮(ନି.ପ୍ର./ଡି.ଏନ୍.ଏ.): ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଜୟପୁର ସଦର ପୋଲିସ ଚଢ଼ାଉ କରିଛି । ଏକ ବୋଲେରୋ ଗାଡ଼ିରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ପୋଲିସ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ କଳାହାଣ୍ଡିର କେଶରୀ ନାୟକ (୨୦), ଧନଜୀ ନାୟକ (୪୬) ଓ ଲକ୍ଷ୍ମଣ ଝାଙ୍କର (୩୨)। କୋରାପୁଟ ଜିଲା ଲମତାପୁଟରୁ ୩୨୬ ନଂ ଜାତୀୟ ରାଜପଥର ଡିମଳା ଛକ ଦେଇ ଏକ ଧଳା ବୋଲେରୋ (ଓଡି ୦୮ ଏଚ ୬୦୭୭)ରେ ଗଞ୍ଜେଇ ଚାଲାଣ କରାଯାଉଥିବା ବେଳେ ଚଢ଼ାଉ କରାଯାଇ ୬ଟି ଜରି ବ୍ୟାଗ୍‌ରୁ ୧୪୫ କେଜି ଗଞ୍ଜେଇ ଜବତ ହୋଇଥିଲା। ଅଭିଯୁକ୍ତଙ୍କଠାରୁ ପୋଲିସ ୭ ଶହ ଟଙ୍କା, ୨ଟି ମୋବାଇଲ, ମନିପର୍ସ ମଧ ଜବତ କରିଛି। ଗିରଫ ଅଭିଯୁକ୍ତଙ୍କ ନାମରେ କେସ୍ ନଂ ୧୩୨/୧୯ରେ ମାମଲା ରୁଜୁକରି କୋର୍ଟ ଚାଲାଣ କରିଥିବା ବିଷୟ ସଦର ଥାନା ଅଧିକାରୀ ଧୀରେନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

### ଖାଉଟି ପରାମର୍ଶ କେନ୍ଦ୍ର ଉଦ୍‌ଘାଟିତ

ଜୟପୁର,୧।୮(ଡି.ଏନ୍.ଏ./ନି.ପ୍ର.): ଜୟପୁର ଖାଉଟି ଅଦାଲତ ପରିସରରେ ଗୁରୁବାର ଉପଭୋକ୍ତା ପରାମର୍ଶ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସ୍ଥାପିତ ହୋଇଥିବା ଏହି କେନ୍ଦ୍ରର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକ ଯୋଗ ଦେଇଥିଲେ। ସରକାରୀ ଓକିଲ (ଜି.ପି.) ବିଷ୍ଣୁ ପ୍ରସାଦ ପାତ୍ର ଏହି କେନ୍ଦ୍ରର କାର୍ଯ୍ୟକାରିତା ଆଲୋକପାତ କରିଥିଲେ । କାଉନସେଲର ଭାବେ ଯୋଗ ଦେଇଥିବା ଆଇନଜୀବୀ ଅମିତ ଷଡ଼ଙ୍ଗୀ କେନ୍ଦ୍ର ମାଧମରେ ଉପଭୋକ୍ତାଙ୍କ ପକ୍ଷରୁ ମାମଲା ରୁଜୁ ପୂର୍ବରୁ ଏନେଇ ଉଭୟଙ୍କ ଆପୋଷ ବୁଝାମଣା ପାଇଁ ପରାମର୍ଶ ଦିଆଯିବ। ଏଥିରେ କୌଣସି ଫଳ ନହଲେ ଖାଉଟି ଅଦାଲତରେ ମାମଲା ରୁଜୁ ହେବ ବୋଲି ସେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖାଉଟି ଅଦାଲତ ବିଚାରକ ମଣ୍ଡଳୀର ସଦସ୍ୟ ଜ୍ୟୋତିରଞ୍ଜନ ପୂଜାରୀ, ସଦସ୍ୟା ନିବେଦିତା ରଥ ଓ ଏହାର ପରିଚାଳନା ଦାୟିତ୍ୱରେ ଥିବା ବେଦିକର କର୍ମକର୍ତ୍ତା ସତିଶ ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ମିନିବସ୍-ବାଇକ ଧକ୍କା, ଜଣେ ମୃତ

■ କ୍ଷତିପୂରଣ ପାଇଁ ଜାତୀୟ ରାଜପଥ ଅବରୋଧ

କୋରାପୁଟ,୧।୮(ସ୍ୱ.ପ୍ର.)



କୋରାପୁଟ-ଜୟପୁର ରାସ୍ତାର ସ୍ଥାନୀୟ ଆଇଆରବି ବାଟାଲିୟନ ସମ୍ମୁଖରେ ଗୁରୁବାର ଏକ କଲେଜ ବସ୍ ଓ ବାଇକ ମଧ୍ୟରେ ଧକ୍କା ହୋଇଛି। ବାଇକ ପଛରେ ବସିଥିବା ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ବାଇକ ଚଳାଉଥିବା ଯୁବକ ଗୁରୁତର ହୋଇ କୋରାପୁଟ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତକଙ୍କ ପରିବାର ଓ ସମ୍ପର୍କୀୟ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ପାଇଁ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି।

ସୂଚନା ଅନୁଯାୟୀ, ଗୁରୁବାର ମଧ୍ୟାହ୍ନରେ କୋରାପୁଟ ବ୍ଲକ ଦେଓଘାଟି ଗ୍ରାମରୁ ମନୋଜ ମହାନନ୍ଦିଆ ଓ ବଳରାମ ଜାନି ବାଇକ (ଓଡି୧୦ ଏଫ୍ ୬୧୯୭)ରେ ଜୟପୁରରୁ କୋରାପୁଟ ଆସୁଥିଲେ। ସେହି ସମୟରେ ଜୟପୁର ହାଇଟେକ କଲେଜର ଏକ ମିନିବସ୍ କୋରାପୁଟ ଆସୁଥିବାବେଳେ ଆଇଆରବି ବାଟାଲିୟନ ନିକଟରେ ବାଇକ ପଛକୁ ଧକ୍କା ଦେଇଥିଲା । ଫଳରେ ଚାଳକ ବଳରାମ ଜାନି (୩୬) ବାଇକ ସହ ବାମପଟକୁ ଖସିପଡ଼ିଥିବା ବେଳେ ପଛରେ ବସିଥିବା ମନୋଜ ମହାନନ୍ଦିଆ (୪୦) ବସ୍ ଚକାତଳେ ପଡ଼ିଯାଇଥିଲେ। ବସ୍ ମାଡ଼ିଯାଇ ମନୋଜଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। କୋରାପୁଟ ସଦର ପୋଲିସ ଗୁରୁତର ବଳରାମଙ୍କୁ କୋରାପୁଟ ମେଡିକାଲରେ ଭର୍ତ୍ତି କରିବା ସହ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରିଥିଲେ। ଏହି ଖବର ପାଇ ମନୋଜଙ୍କ ଗ୍ରାମ ଦେଓଘାଟିରୁ ଶତାଧିକ ଲୋକ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ କରିଥିଲେ। କୋରାପୁଟ ସଦର ଥାନା ଅଧିକାରୀ ସମର୍ପିତା ସ୍ୱାଇଁ, ତହସିଲଦାର ନେହେରୁ ମାଝି, ସହକାରୀ ଜିଲାପାଳ ଆଲୋକ ଅନୁଗୁଳିଆ ଅବରୋଧକାରୀଙ୍କ ସହ ଆଲୋଚନା ଚଳାଇଥିଲେ। ଦୁର୍ଘଟଣା ଘଟାଇଥିବା ବସ୍‌ର ହାଇଟେକ କଲେଜ କର୍ତ୍ତୃପକ୍ଷ ପହଞ୍ଚି ନଥିବା ଯୋଗୁ ଆଲୋଚନା ସଫଳ ହୋଇପାରି ନାହିଁ । କୌଣସି ଅପ୍ରୀତିକର ପରିସ୍ଥିତି ଆଶଙ୍କାରେ ବହୁ ଆଇଆରବି ଯବାନଙ୍କ ସମେତ ପୋଲିସ ସେଠାରେ ମୁତୟନ ହୋଇଛନ୍ତି। ଏନେଇ କୋରାପୁଟ ସଦର ଥାନାରେ ଏକ ମାମଲା ରୁଜୁ କରାଯାଇଛି।

# ମାସକୁ ୨ ବଦଳରେ ୭ ଦିନ କୋର୍ଟ ବର୍ଜନ

■ ଆନ୍ଦୋଳନରେ କୋହଳ ନୀତି ଆପଣେଇଲା ଓକିଲ ସଂଘ

**ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ପ୍ରସଙ୍ଗ**

ଜୟପୁର,୧।୮ (ନି.ପ୍ର./ ଡି.ଏନ୍.ଏ.)

ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିରେ ଗତ ଡିସେମ୍ବର ୪ରୁ ଓକିଲଙ୍କ ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ଏଯାବତ୍ ତାହା ୯ ମାସରେ ପହଞ୍ଚିଲାଣି। କୋର୍ଟ ବର୍ଜନ ଯୋଗୁ ଦୀର୍ଘଦିନ ଧରି ମହକିଲଙ୍କ କାର୍ଯ୍ୟ ହୋଇପାରୁ ନଥିବାରୁ ସାଧାରଣ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆନ୍ଦୋଳନ କୋହଳ କରାଯାଇଥିବା ଗୁରୁବାର ଖବରଦାତା ସମ୍ମିଳନୀରେ ଜିଲା ଓକିଲ ସଂଘ ସୂଚନା ଦେଇଛି।

ସଂଘ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ସରୋଜ ଦାସ ସୂଚନା ଦେଇ କହିଛନ୍ତି, ବିଚାରାଧୀନ କଏଦୀଙ୍କ ଜାମିନ ଆବେଦନ, ଜମିଜମା ମାମଲା, ଏମ୍‌ସିଟି ମାମଲା, ଡିଏଆର୍‌ଏସ୍ ଅଫିସରେ ଜମି କିଣାବିକା, ତହସିଲ କାମ ଗୁରୁବାରଠାରୁ ଆରମ୍ଭ ହୋଇଛି। ଅଗଷ୍ଟ ୮ ସୁଦ୍ଧା ଲୋକପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଆନ୍ଦୋଳନ ୯ ସେପ୍ଟେମ୍ବର ଯାଏ ଚାଲିବାକୁ ଥିବାବେଳେ ୮ ତାରିଖରେ ସେମିଳିଗୁଡ଼ା ବୈଠକରେ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର ହେବ। ତେବେ ପ୍ରତ୍ୟେକ ମାସର ୨ ଦିନ କୋର୍ଟ ବର୍ଜନ ହେଉଥିବା ବେଳେ ଚଳିତ ମାସଠାରୁ ମାସର ଶେଷ ୭ ଦିନ କୋର୍ଟ ବନ୍ଦ ରହିବ। ଖବରଦାତା ସମ୍ମିଳନୀରେ ସମ୍ପାଦକ ରବୀନ୍ଦ୍ର ପାତ୍ର, ଉପସଭାପତି ଶରତ ମାଝି, ଯୁଗ୍ମ ସମ୍ପାଦକ ଗିରିଧର ଖରା, କୋଷାଧ୍ୟକ୍ଷ ହରିଶ ମୁଦୁଲି, ସଦସ୍ୟ ପ୍ରକାଶ ଚନ୍ଦ୍ର ମଲ୍ଲିକ, କେ. ଅରୁଣ ଆଚାରି, ରେଜିଆ ବେଗମ, ଆନନ୍ଦ ରଥ, କେ. ଦିବାକର ରାଓ, ପି. ଜଗଦିଶ ପ୍ରସାଦ, ଡି. ସସଗିରି ରାଓ, ପି. ରମେଶ ପାତ୍ର, ଦିବାକର ଗୌଡ଼, ଉମାକାନ୍ତ ସାହୁ ଉପସ୍ଥିତ ଥିଲେ।




##### ଜିଲାପାଳଙ୍କୁ ଦାବିପତ୍ର ଦେଲା ଟ୍ରକ୍, ଟିପ୍ପର ମାଲିକ ସଂଘ

# କୋଡିଙ୍ଗାମାଳି ଖଣି ପୁଣିଥରେ ଚାଲୁ

କୋରାପୁଟ,୧।୮(ସ୍ୱ.ପ୍ର.)

କୋଡିଙ୍ଗାମାଳି ଖଣି ଖନନ ଓ ପରିବହନ ଦୀର୍ଘ ସପ୍ତାହ ଧରି ବନ୍ଦ ଥିବା ଯୋଗୁ ଏଥିରେ ନିୟୋଜିତ ପ୍ରାୟ ୩ ଶହ ଟିପ୍ପର ଓ ଟ୍ରକ୍ ରାସ୍ତାକଡରେ ଠିଆ ହୋଇଛି। ତେଣୁ ଲକ୍ଷ୍ମୀପୁର ମା' ମୁତ୍ୟାଲୁମ୍ମା ଟ୍ରକ୍ ଓ ଟିପ୍ପର ମାଲିକ ସଂଘ ପୁଣିଥରେ କାର୍ଯ୍ୟ ଚାଲୁ କରିବା ପାଇଁ ଜିଲାପାଳ ପୋମା ଟୁଡୁଙ୍କୁ ଦାବିପତ୍ର ଦେଇଛି। ଏଥିରେ ଦର୍ଶାଯାଇଛି ଯେ ଗତ ୨୬ ତାରିଖରୁ କୋଡିଙ୍ଗାମଳି ଖଣି ଖନନ ଓ ପରିବହନ କାର୍ଯ୍ୟକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରି ଆନ୍ଦୋଳନ ଚଳାଇଛନ୍ତି। କିନ୍ତୁ ଖଣି ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ପ୍ରାୟ ୫ ହଜାର ଲୋକ ଏବେ ହାତ ବାନ୍ଧି ବସିଛନ୍ତି। ସ୍ଥାନୀୟ ଅଞ୍ଚଳର ଶତାଧିକ ଟିପ୍ପର ମାଲିକ, ଡ୍ରାଇଭର, ହେଲପରଙ୍କ ସମେତ ପ୍ରାୟ ୧୨ ଶହ ଜଣ ଏବଂ ଖଣି ଅଞ୍ଚଳରେ ଥିବା ୨୦ଟି ଗ୍ରାମର ପ୍ରାୟ ୨ହଜାର ଲୋକ ଓ ପରୋକ୍ଷରେ ଖଣି ଦ୍ୱାରା ପରିବାର ଚଳାଉଥିବା ପାୟ ହଜାର ପରିବାରଙ୍କ ପେଟପାଟଣା ଚିନ୍ତା ଦେଖାଦେଇଛି। ତେଣୁ ତୁରନ୍ତ କାର୍ଯ୍ୟ ଚାଲୁ କରିବା ଲାଗି ସେମାନେ ନିବେଦନ କରିଛନ୍ତି। ମୁତ୍ୟାଲୁମ୍ମା ଟ୍ରକ ଟିପ୍ପର ମାଲିକ ସଂଘ ସଭାପତି ଲକ୍ଷ୍ମୀ ନାରାୟଣ ବିଶୋଇଙ୍କ ନେତୃତ୍ୱରେ ସମ୍ପାଦକ କପିଳେଶ୍ୱର ବିଶୋଇ, ଅଶ୍ୱିନୀ ସାହୁ, ଲିଙ୍ଗରାଜ ବେହେରା, ଉମାଶଙ୍କର ସାହୁ, ସୁଧାଂଶୁ ସଗରିଆଙ୍କ ସମେତ ଶତାଧିକ ଟିପ୍ପର ମାଲିକ ଦାବିପତ୍ର ଦେଇଥିଲେ।




##### କୋରାପୁଟ ମେଡିକାଲ କଲେଜ

### ଦୀର୍ଘ ଦିନ ପରେ ଖୋଲିଲା ଅଲଟ୍ରାସାଉଣ୍ଡ

କୋରାପୁଟ, ୧।୮(ସ୍ୱ.ପ୍ର.)

କୋରାପୁଟ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଦୀର୍ଘଦିନ ପରେ ପୁଣିଥରେ ଅଲଟ୍ରାସାଉଣ୍ଡ ବିଭାଗ ଖୋଲିଛି। ପୂର୍ବରୁ କୋରାପୁଟ ସଦର ଡାକ୍ତରଖାନାରେ ଏହା ଚାଲୁଥିବା ବେଳେ ମେଶିନ ଖରାପ ହେବା ପରେ ନୂତନ ମେଶିନ କୋରାପୁଟକୁ ଆସିଥିଲା। ଅନେକ ଦିନ ପଡ଼ି ରହିବା ପରେ ବୁଧବାରରୁ ଏହା କାର୍ଯ୍ୟ ଆରମ୍ଭ କରିଛି। ବିଭାଗୀୟ ଡାକ୍ତର ମୁକ୍ତିକାନ୍ତ ଖଟୁଆଙ୍କ ତତ୍ତ୍ୱାବଧାନରେ ବୁଧବାର ୪ ଜଣଙ୍କ ମେଶିନ ପରିଚାଳନା ସହ ଅଲଟ୍ରାସାଉଣ୍ଡ କରାଯାଇଛି।





Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

